
# ଜୀବନତୀର୍ଥରେ ଓଡ଼ିଶାର ଲେଖିକା

## ଡକ୍ଟର ରମେଶ ଚନ୍ଦ୍ର ପାଣି



## ଡକ୍ଟର କାନନ ମିଶ୍ର (୧୯୪୪)

ଉତ୍ତରଅଶୀ କାଳଖଣ୍ଡରେ ଓଡ଼ିଆ ସାହିତ୍ୟରେ କାନନ ମିଶ୍ର ଜଣେ ଶକ୍ତିଶାଳୀ ଲେଖିକା ଭାବେ ସୁପରିଚିତା । ୧୯୪୪ ଜାନୁଆରୀ ୨ ତାରିଖରେ କଟକ ସହରରେ ସ୍ୱନାମଧନ୍ୟ ସାହିତ୍ୟିକ ବିଶିଷ୍ଟ ଭାଷାବିତ୍ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଓ ଶ୍ରୀମତୀ ସୁରେଖା ତ୍ରିପାଠୀଙ୍କ କନ୍ୟା ଭାବେ କୋଳମଣ୍ଡନ କରନ୍ତି । ସେ ଉଭୟ ଓଡ଼ିଆ ଓ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଉପାଧି ଲାଭକରି 'ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ' ଶୀର୍ଷକ ନିବନ୍ଧ ରଚନା କରି ପି.ଏଚ.ଡି. ପ୍ରାପ୍ତ ହୋଇ ଓଡ଼ିଆ ସମାଲୋଚନା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଦକ୍ଷତାଥିବା କାନନ ମିଶ୍ରଙ୍କ ସୃଷ୍ଟି ମଧ୍ୟରେ କବିତା ସଂକଳନ 'ମନର ମୁକୁଳ' (୧୯୫୯), ତୀର୍ଥ

(୨୦୦୧), ମନ୍ତ୍ର (୨୦୦୧), ନବ ସାକ୍ଷରଙ୍କ ପାଇଁ କବିତା (୨୦୦୨) ପ୍ରକାଶିତ ଅଶେଷ ଲୋକପ୍ରିୟତା ହାସଲ କରିଛି । ସେହିପରି ଗଳ୍ପ ସଂକଳନ ଆଧା ଲେଖା ଦସ୍ତାବିଜ୍ (୨୦୦୧), ଗପସପ (୨୦୦୧), ବହିମେଳାରୁ ବୟଫ୍ରେଣ୍ଡ ପର୍ଯ୍ୟନ୍ତ (୨୦୦୧), ମିଶ୍ରସ୍ୱାଦ (୨୦୦୩) ଏବଂ ଅନୁବାଦ ଉପନ୍ୟାସ ପୁସ୍ତକ 'ସୂର୍ଯ୍ୟମୁଖୀର ସ୍ୱପ୍ନ' ଯାହା ମୂଳ ଆସାମୀୟ ଲେଖକ ସୟଦ ଅବଦୁଲ ମାଲିକଙ୍କ ଉପନ୍ୟାସ ଆଧାରରେ ଲିଖିତ ହୋଇଅଛି । ଏହା ବ୍ୟତୀତ 'ହୀରା ମୋତି ମାଣିକ' (୧୯୬୨), କାଗଜଡଙ୍ଗା (୨୦୦୦), ଟୁପୁରୁ ଟୁପୁରୁ ବରଷେ ପାଣି (୨୦୦୦), କାଇଁଚମାଳି (୨୦୦୩) ଫୁଲବନ (୨୦୦୪) ଭଳି ସୁନ୍ଦର ଶିଶୁ କବିତା ସଂକଳନ ଏବଂ ଇଂରାଜୀ ଫିଚର ସଂକଳନ A Tryst of Life (2001) ତାଙ୍କ ଅମର ଲେଖନୀରୁ ନିସୃତ ହୋଇଛି ।

ସମକାଳର ଜଣେ ଭଲ କବି ଭାବେ ତାଙ୍କର ସୁଖ୍ୟାତି ଥିଲା । ତାଙ୍କ ରଚିତ କବିତା ସଂକଳନ 'ତୀର୍ଥ'ରେ ୭୯ଟି ଛୋଟବଡ଼ କବିତା ସନ୍ନିହିତ ହୋଇଅଛି । ଶେଷ କବିତାଟି 'ତୀର୍ଥ' ଯେଉଁଠି ଅଛି କେବଳ ଗଭୀର ଆସ୍ଥାଟିଏ ଜୀବନ ଭିତରେ । କବି ଗଭୀର ଆତ୍ମବିଶ୍ୱାସରେ କହିଛନ୍ତି -

''କିଛି ଦେଖିନି / କିଛି ଜାଣିନି / କ୍ଷୋଭ ନାହିଁ
ସକଳ ତୀର୍ଥ ତୋ ଚରଣେ / ବଦ୍ରିକା ଯିବି କି କାରଣେ ।'' (ତୀର୍ଥ- ପୃ୧୨୦)

ବାସ୍ତବରେ ଏ ଜୀବନ ହିଁ ତୀର୍ଥ, ଯେଉଁଠି ମଣିଷର ସମସ୍ତ ଆରାଧନା ଓ ଆବେଗ ପବିତ୍ର ହୋଇଥାଏ, ହୋଇଥାଏ ସଂସାରୀ ଓ ସନ୍ନ୍ୟାସୀର ପବିତ୍ରମୟ ସାନ୍ନିଧ । ତେଣୁ କବିଟିଏ କ'ଣ ମାଗିପାରେ -

''କଅଣ ବା ମାଗିଥିଲି ଯେ ? / କହିଥିଲ ଏତିକି ତ ?
ବନ୍ଦ ହୃଦୟ ଖୋଲିଦିଅ ଟିକିଏ । / ସ୍ମିତ ଆସୁ, ଗୀତ ଆସୁ
ସ୍ୱପ୍ନ ଆସୁ, ସୁଧା ଆସୁ / ଉଛୁରି ଆସୁ / ଶବ୍ଦର ଜାଲରେ ବୁଣା
ଗହ ଗହ ମନର ଆୱାଜ୍ ... । (ଯାଚନା - ପୃ. ୬୭)

ମନର ଗହ ଗହ ଆୱାଜ ଭିତରେ ହୀରାଖଣ୍ଡ ଭଳି ଝଟକି ଉଠୁଥାଏ ଜୀବନର ସମସ୍ତ ମୂଲ୍ୟବୋଧ । ଏ ମୂଲ୍ୟବୋଧକୁ ନେଇ ତା'ର ଇପ୍‌ସିତ ଈଶ୍ୱରଙ୍କ ରୂପଟି ଅନୁରୂପ ଭାବରେ ସଂଜ୍ଞାଭୂତ ହୋଇଛି ତାଙ୍କ କବିତାରେ -

''ମୋ ପାଇଁ ସିଏ ଇ କେବଳ ଈଶ୍ୱର / ଯାହାଙ୍କୁ କି / ମୁଁ ମୋ
ଦୁଃଖ କହିପାରେ / କହିପାରେ ମନ କଥା, ସଂଗୋପନେ ।''
(ଈଶ୍ୱର - ପୃ. ୭୩)

କବି ଦୃଷ୍ଟିରେ ସେ କେବଳ ଈଶ୍ୱର ଯାହାଙ୍କ ଆଗରେ ମଣିଷ ଖୋଲି ଦେଇପାରେ ପାପ ଓ ଅପରାଧର ପୋଥି; ବଖାଣିପାରେ କୋହ ଓ କଦର୍ଥନାର କାହାଣୀ ଏବଂ କହିପାରେ ପରମ ବିଶ୍ୱାସରେ ଯେ ମୋତେ ଉଦ୍ଧାରକର, କ୍ଷମା କର ଓ ତ୍ରାହିକର । ଜୀବନର ଏ ବିରଳ ବିଶ୍ୱାସର କଥା ତୀର୍ଥର ପ୍ରତିଟି କବିତାରେ ଅନୁରଣିତ ।

ସେହିପରି କବିତା ସଂକଳନ 'ମନ୍ତ୍ର' ଅନୁଭୂତିରେ ରସୋତୀର୍ଣ୍ଣ ଜୀବନମନ୍ତ୍ର ଭଳି ଲାଗୁଥିବା ଏକ ମନୋଜ୍ଞ ସଂକଳନ, ଯାହାର ପ୍ରଥମ ସ୍ତବକରେ ରହିଛି ୮୨ଟି ଚାରି ଧାଡ଼ିଆ ଏକପଦୀ ଶୈଳୀରେ ରଚିତ କ୍ଷୁଦ୍ର କବିତା ସହ ଆଉ ଦ୍ୱିତୀୟ ସ୍ତବକରେ ୭୮ଟି ଛୋଟ ଛୋଟ କବିତା । ବ୍ୟକ୍ତିଗତ ଜୀବନାଭୂତିରୁ ଆରମ୍ଭ କରି ଜାତୀୟ ଜୀବନ, ପ୍ରେମମୟ ପ୍ରକୃତିଠାରୁ ପ୍ରକୃତିମୟ ପ୍ରେମ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗଗୁଡ଼ିକର ରସସିକ୍ତ ଉଦ୍ଧରାଣ 'ମନ୍ତ୍ର' କବିତା ସଂକଳନଟିକୁ ମନ୍ତ୍ରମୟ କରି ତୋଳିଛି । 'ଜୀବନ'ର ସଂଜ୍ଞା ଦେବାକୁ ଯାଇ କବିଙ୍କ ଭାଷାରେ ଫୁଟି ଉଠିଛି ମୃତ୍ୟୁପରର ଜୀବନବାର୍ତ୍ତା ଯାହାକି ପ୍ରତିଟି ମଣିଷର କାମ୍ୟ -

''ଜୀବନ ମରଣ ନିକିତିର ଦୁଇପଟ
ବଞ୍ଚିଲା ବେଳେ ମର ନାହିଁ ମର ନାହିଁ
ମରିବା ପରେ ବି ବଞ୍ଚିବା ପାଇଁ ଶିଖ
ଯେମିତିକି ଲୋକେ ବାହୁନି କହିବେ
ଗଲା କାହିଁ ? ଗଲା କାହିଁ ? (ପଦ-୭୯ ପ୍ରଥମ ସ୍ତବକ)

ଜୀବନଦର୍ଶନ ବ୍ୟତୀତ 'ନାରୀ'ର ସାମର୍ଥ୍ୟ ପାଇଁ ନାରୀଙ୍କ ଅନେକ କବିତାର ସେ ଆହ୍ୱାନ ଦେଇଛନ୍ତି, ତାହା ଲକ୍ଷଣୀୟ । 'ନାରୀ' ଅବଳା ନୁହେଁ । ସେ ଇଚ୍ଛା କଲେ ଦେହଳୀ ଓ ଚୌକାଠ ଡେଇଁ ପଦାକୁ ବାହାରି ଆସିପାରିବ । ତେଣୁ ନାରୀର ଇଚ୍ଛାଶକ୍ତିର ଜାଗ୍ରତ ପାଇଁ ଆହ୍ୱାନ କରିଛନ୍ତି -

''ତମେ ନିଜେଇ ଧରି ନେଇଛ / ଫୁଟନ୍ତା ଭାତର ଗନ୍ଧ
ଏକମାତ୍ର ଗନ୍ଧ ପୃଥିବୀର / ଜ୍ୱଳନ୍ତ ଚୂଲିର ତାପ

ଏକମାତ୍ର ଉତ୍ତାପ ଜୀବନର / ....
ବର୍ଷ ବର୍ଷ ପଞ୍ଜୁରୀ ଭିତରେ ରହି / ତମେ ଉଡ଼ିବାଇ ଭୁଲି ଗଲଣି ।
(ଅବଳା, ପୃ-୯୩)

ସେହିପରି ଅନ୍ୟପକ୍ଷରେ ଦେଖିଲେ କବି କାନନ ମିଶ୍ର ଜଣେ ମାଟିମନସ୍କ ଏବଂ ଜୀବନକୁ ଭଲ ପାଉଥିବା କବି । କାରଣ ତାଙ୍କର ଇପ୍‌ସିତ୍ ପୃଥିବୀର ଚିତ୍ର ଆମକୁ ତାଙ୍କ କବି ମନିଷୀର ପରିଚୟ ପ୍ରଦାନ କରିଥାଏ -

''ମୋ ଲାଗି / ଏଇ ମାଟି, ଏଇ ବସୁମତୀ / ସ୍ୱର୍ଗଠାରୁ
ମାୟାମୟ ବେଶି / ଗୁଚ୍ଛ ଗୁଚ୍ଛ ଯୁଇଫୁଲ / ସଭା ରଚେ ଶରତ୍ ଆକାଶେ
ବିହଗ ବେହାଗ ଗାଏ / ଯେହେତୁ ଏଇଠି ।
(ସ୍ୱର୍ଗ - ପୃ. ୯୮)

କାନନ ମିଶ୍ର ଜଣେ ଭିନ୍ନ ଶୈଳୀର ଗାଳ୍ପିକା । ପ୍ରାୟତଃ ଗାଳ୍ପିକାମାନେ ତାଙ୍କର କାହାଣୀ ଭିତରେ ନିଜର ଅଙ୍ଗେନିଭା ଅନୁଭୂତିକୁ ଆଶ୍ରୟ କରିଥାନ୍ତି କିନ୍ତୁ କାନନ ମିଶ୍ର ନିଜର ଅଙ୍ଗେନିଭା ଘଟଣାଗୁଡ଼ିକୁ କାହାଣୀ କରିଥାନ୍ତି । ଅନ୍ୟଭାଷାରେ କହିବାକୁ ଗଲେ ତାଙ୍କର ଗଳ୍ପ ଗୁଡ଼ିକ ତାଙ୍କ ଆତ୍ମକଥନ ଭଳି ପ୍ରତୀୟମାନ ହୋଇଥାଏ । ତେଣୁ ପ୍ରତିଟି ଗଳ୍ପର ନାୟକତ୍ୱରେ ସେ ସ୍ୱୟଂ ଅବତୀର୍ଣ୍ଣା ହୋଇ ଆମ ଜୀବନୀର ଆତ୍ମକଥା ଭାବେ ପ୍ରହେଳିକାମୟ ସତ୍ୟର ଅତି କମନୀୟ ବିଶ୍ଲେଷଣ କରିଥାନ୍ତି । ଫଳତଃ ତାଙ୍କର ଚରିତ୍ରଗୁଡ଼ିକ କାଳ୍ପନିକ ଲାଗି ନଥାନ୍ତି କିମ୍ବା ସ୍ଥାନ ଓ ସମୟ ଖାପଛଡ଼ା ଲାଗି ନଥାନ୍ତି । ଏକ ମାନବିକ ଆବେଦନରେ ତାଙ୍କର ପ୍ରତିଟି ଗଳ୍ପ ଯେପରି ସାନ୍ଦ୍ର, ସେହିପରି ହୃଦୟସ୍ପର୍ଶୀ ଓ ବାସ୍ତବବାଦୀ ଲାଗିଥାଏ ।

'ଅଧାଲେଖା ଦସ୍ତାବିଜ୍' ଏକ ଚମତ୍କାର ଗଳ୍ପ ସଂକଳନ । ଏଥିରେ ୧୮ଟି ଗଳ୍ପ ରହିଛି, ଯାହା ମଧ୍ୟରୁ ସେବିକା; ସ୍ୱପ୍ନର ବଣିକ; ପରବେଶ, ନିଜଲୋକ; ଡେଭିଡ୍‌ଙ୍କ ପାଇଁ ଗପଟିଏ, ରୋଜଗେଟ ମେଡ଼ିଟେସନ ସେଣ୍ଟର, ଗାର୍ଲିକ ଚିକେନ ଓ ହବିଷ ଭାତ; ଲିଣ୍ଡା ମୋତେ କ୍ଷମାକର ଏହି ସାତଟି ଗଳ୍ପର ପଟ୍ଟଭୂମି ଯୁକ୍ତରାଷ୍ଟ୍ର ଆମେରିକା । ପାଶ୍ଚାତ୍ୟ ସଭ୍ୟତା ବିଶେଷତଃ ଆମରେିକାର ରହଣି ଭିତରେ ଗାଳ୍ପିକା ଯେଉଁ ଚରିତ୍ରଗୁଡ଼ିକୁ ଭେଟିଛନ୍ତି, ତାଙ୍କର ମାନସିକତା, ତାଙ୍କର ଆଦର୍ଶ, ଚାଲିଚଳନ ଏବଂ ଭାରତ ପ୍ରତି ସେମାନଙ୍କ ଧାରଣା ସମ୍ପର୍କରେ ସୁନ୍ଦର ଭାବରେ ବର୍ଣ୍ଣନା ହୋଇଛି । ଫଳତଃ ଭାରତୀୟ ଓ ଆମେରିକୀୟ ଜୀବନଧାରାର ତୁଳନାତ୍ମକ ଚିତ୍ର ଭିତରେ ଯେଉଁ ମାନବିକ ସମ୍ବେଦନାଟି ଜୀବନ ପାଇଁ ଆବଶ୍ୟକ ଥାଏ, କବି ଅତି ସୁନ୍ଦର ଭାବରେ ଉପସ୍ଥାପନା

କରିଛନ୍ତି 'ସ୍ୱପ୍ନର ବଣିଜ'ରେ ଆମେରିକୀୟ ଝିଅ ଏପ୍ରିଲ ସହିତ କଥାବାର୍ତ୍ତାରେ ମା'ର ସ୍ୱପ୍ନ ପାଇଁ ଝିଅର ମନସ୍ତାତ୍ତ୍ୱିକ ସମର୍ଥନ, ତାହା ଅତ୍ୟନ୍ତ ହୃଦ୍ୟ ତଥା ବିଶ୍ୱ ମଣିଷର ଏକ ସର୍ବଜନୀନ ଚିନ୍ତନଟିକୁ ଲକ୍ଷ୍ୟ କରାଯାଇଥାଏ -

''.... ସତକଥା । ବଞ୍ଚିବା ପାଇଁ ଯେ ସ୍ୱପ୍ନ ଦେଖିବା ନିହାତି ଜରୁରୀ । ପ୍ରତ୍ୟେକ ମଣିଷ କେବେ ନା କେବେ ସ୍ୱପ୍ନ ଦେଖେ । ନିଜ ଢଙ୍ଗରେ, ନିଜ ଚାଲିବା ଅନୁଯାୟୀ । ... ସ୍ୱପ୍ନର ତାଲିକା ଯେ ଅନ୍ତହୀନ । ସବୁ ସ୍ୱପ୍ନ ଅବଶ୍ୟ ସାର୍ଥକ ଓ ଫଳପ୍ରସୂ ହୁଏନି । ତେବେବି ମଣିଷ ସ୍ୱପ୍ନ ଦେଖେ - ଦେଖିଚାଲେ ଜୀବନଭରା ଜୀବନ ଅଛି ବୋଲି ସ୍ୱପ୍ନ ଅଛି । କିମ୍ବା ସ୍ୱପ୍ନ ଅଛି ବୋଲି ଜୀବନ ଅଛି । ସ୍ୱପ୍ନ ଓ ଜୀବନ - ଦୁହିଁଙ୍କର ମୃତ୍ୟୁ ଏକାସାଥିରେ । ଏକା କ୍ଷଣରେ ।''

(ସ୍ୱପ୍ନର ବଣିଜ - ପୃ. ୧୩)

ଅନ୍ୟ ଏଗାରଟି ଗଳ୍ପ ଆମ ଜୀବନର ନିତିଦିନର କଥା ଯେଉଁଠି ସମ୍ପର୍କ, ସଂପ୍ରୀତି, ଗ୍ରାମ୍ୟ ଓ ସହର ଜୀବନର ଚଳଣି ଏବଂ ସାଂପ୍ରତିକ ଅହମିକାମୟ ଜୀବନ ଭିତରେ ପେଶି ହୋଇଯାଉଥିବା ଯୁବବର୍ଗର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ଇତ୍ୟାଦି ଅନେକ ଅନୁଭବମୟ ମାନବିକ ଆର୍ତ୍ତି ଗୁଡ଼ିକର ସଫଳ ରୂପାୟନ ଦେଖିବାକୁ ମିଳିଥାଏ ।

'ବହି ଲେଖାରୁ ବୟଫ୍ରେଣ୍ଡ ପର୍ଯ୍ୟନ୍ତ' ଗଳ୍ପ ସଂକଳନଟି ୧୬ଟି ଗଳ୍ପର ସମାହାର ଯେଉଁଠି ଗାଳ୍ପିକଙ୍କ ନିଜସ୍ୱ ଅନୁଭୂତି ତଥା ଅଙ୍ଗେନିଭା ଘଟଣାଗୁଡ଼ିକୁ ନେଇ ଲିଖିତ ହୋଇଛି । କାହାଣୀ ଭିତରେ କାହାଣୀ ସଂଯୋଜିତ କରି ସାଧାରଣ ମଣିଷର ଚରିତ୍ରକୁ ବିଶ୍ଳେଷଣ କରିବାରେ ଯେଉଁ ସରଳ ଓ ସାବଲୀଳ ଭାଷା ଶୈଳୀ ସେ ବ୍ୟବହାର କରିଛନ୍ତି ତାହା ହିଁ କାନନମିଶ୍ରଙ୍କ ଶୈଳୀର ସ୍ୱତନ୍ତତା । 'ଇତିହାସ ସାର୍ ଓ ଦିଲ୍ଲୀ' ଗଳ୍ପରେ ଇତିହାସ ସାର୍‌ଙ୍କ ହିନ୍ଦୁ ଯାତ୍ରାରେ ଜଣେ ସରଳ ଗ୍ରାମୀଣ, ସାଧାସିଧା ମଣିଷର ମାନସିକତାକୁ ଅତି ସୁନ୍ଦର ଭାବରେ ବିଶ୍ଳେଷଣ କରିଛନ୍ତି ବିଶେଷ ଭାବରେ ଟ୍ରେନଯାତ୍ରା ସମୟରେ । ଶୀତତାପ ନିୟନ୍ତ୍ରିତ କୋଠରୀ ଛାଡ଼ି ଦ୍ୱିତୀୟ ଶ୍ରେଣୀରେ ଟିକେଟ କରିବା ମାନସିକତା ପୃଷ୍ଠଭୂମିରେ ଯେଉଁ ନିରିହତାକୁ ଗାଳ୍ପିକା ଦେଖାଇଛନ୍ତି ତାହା ବେଶ୍ ହୃଦ୍ୟ । ସେହିପରି 'କାହାଣୀ ନୁହେଁ'ରେ ଅତ୍ୟନ୍ତ ବିନୟୀ, ଭଦ୍ର, ନିଃସ୍ୱାର୍ଥପର ପୋଲିସ ପଦାଧିକାରୀ 'ଆଲୋକ'ର ପରିବର୍ତ୍ତିତ ବ୍ୟକ୍ତିତ୍ୱର ସୁନ୍ଦର କାହାଣୀଟିଏ ଅତି ନାଟକୀୟ ଭାବରେ ଗତି କରିଛି । ଆଲୋକର ସ୍ୱଭାବ ଏବଂ ସ୍ୱରୂପର ଯେଉଁ ଅବାଞ୍ଛିତ ରୂପାନ୍ତର ଘଟିଛି, ସେଥିରେ ସ୍ୱୟଂ ଗାଳ୍ପିକା ବିସ୍ମୟ ଓ ହତ୍‌ବାକ ହୋଇଛନ୍ତି ଏବଂ ଗଳ୍ପଟି ଶେଷ ହୋଇଛି ଏକ ଅନ୍ତହୀନ ପ୍ରଶ୍ନରେ -

''ମନେ ମନେ ଭାବିଲି । ମଣିଷ ! ତୁମକୁ ଚିହ୍ନିବା ଏବେ ବି ବାକି ରହିଗଲା ।'' (କାହାଣୀ ନୁହେଁ - ପୃ. ୧୦୧)

ଗଳ୍ପସଂକଳନ 'ଗପସପ' ୪୮ଟି କ୍ଷୁଦ୍ରଗଳ୍ପର ସମାହାର ହୋଇଥିଲେ ବି ଏଗୁଡ଼ିକ ଫିଚରଧର୍ମୀ ଅଧିକ ହୋଇଛି । ଏହି ସଂକଳନଟିର ଶେଷ ଗଳ୍ପର ନାମ 'ଜୀବନ', ଯାହା ପ୍ରକୃତରେ ଓଡ଼ିଶାର ବିଖ୍ୟାତ ଗୀତିକାର ଜୀବନାନନ୍ଦ ପାଣିଙ୍କ ଜୀବନୀ ସମ୍ପର୍କରେ, ଯାହା ପଢ଼ିଲେ ଜୀବନ ପାଣିଙ୍କ ଜୀବନଚର୍ଯ୍ୟାର କରୁଣମୟ ଦିଗଟି ଉଦ୍‌ଭାସିତ ହୋଇଉଠେ । ଏ ସଂକଳନର ପ୍ରତିଟି ଗଳ୍ପ ଗୋଟିଏ ଗୋଟିଏ ମାନବିକ ପ୍ରସଙ୍ଗ, ଗାଳ୍ପିକାଙ୍କ ବାପା ହୁଅନ୍ତୁ ଅଥବା ନୃତ୍ୟଶିକ୍ଷକ, ଅଥବା କୀର୍ତ୍ତନ ଗାୟକ, ଏମିତି ଅନେକ ଚରିତ୍ର, ଅନେକ ଘଟଣା, ଅନେକ ଚିତ୍ର ଓ ଚରିତ୍ରକୁ ନେଇ ।

ଏତଦ୍‌ବ୍ୟତୀତ ଜଣେ ଶିଶୁ ସାହିତ୍ୟିକ ଭାବେ ତାଙ୍କ ଦ୍ୱାରା ରଚିତ ପ୍ରାୟ ପାଞ୍ଚଟି ଶିଶୁ ଗୀତିକବିତା ଗୁଡ଼ିକ ଯେପରି ପ୍ରଭାବପୂର୍ଣ୍ଣ ସେହିପରି ଶିକ୍ଷଣୀୟ ।

ପରିଶେଷରେ କୁହାଯାଇପାରେ ଯେ ତାଙ୍କର ସମସ୍ତ ଲେଖାଗୁଡ଼ିକର ଜୀବନର ଖଟାମିଠା ସ୍ୱାଦର କଥା ଓ ଜୀବନରେ ଭେଟିଥିବା ଚରିତ୍ରମାନଙ୍କର କଥା ଏବଂ ନିଜ ଅନୁଭୂତିର କଥାକୁ ନିଖୁଣ ଭାବେ ରୂପାୟିତ ହୋଇଥାଏ । ମାନବୀୟ ସଂସ୍କୃତିର ରୂପାୟନ ପାଇଁ ସେ ତାଙ୍କ ଲେଖାଗୁଡ଼ିକରେ ଅଧିକ ଗୁରୁତ୍ୱ ଦେଇଥାନ୍ତି ଏବଂ ଗୋଟିଏ ସତ୍ୟବାନ୍, ନ୍ୟାୟବନ୍ତ ଏବଂ ସ୍ନେହଶୀଳ ପୃଥିବୀର ସ୍ୱପ୍ନ ତାଙ୍କ ଲେଖାଗୁଡ଼ିକର ଅନ୍ତଃସ୍ୱର ଭାବେ ପ୍ରତିଧ୍ୱନିତ ହୋଇଥାଏ । ଶିଶୁମାନଙ୍କ ଉପଯୋଗୀ କେତୋଟି କବିତା ସଂକଳନ ରଚନା କରି ସେ ଶିଶୁ ସାହିତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛନ୍ତି । ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପିଲାମାନଙ୍କ ମନଲାଖି କବିତାପୁସ୍ତକ ମଧ୍ୟରେ ଟୁପୁରୁ ଟୁପୁରୁ ପାଣି (୨୦୦୦), କାଗଜ ଡଙ୍ଗା (୨୦୦୩), କାଇଁଚମାଳି (୨୦୦୩), ଫୁଲବନ (୨୦୦୦) ଅନ୍ୟତମ । ଛୋଟ ପିଲାମାନେ ମନକୁ ଛୁଇଁଲା ଭଳି ସରଳଶବ୍ଦ, ସୁନ୍ଦର ବିଷୟବସ୍ତୁ ଓ ମନଛୁଆଁ ଛନ୍ଦକୁ ନେଇ ତାଙ୍କ ଶିଶୁ କବିତାଗୁଡ଼ିକ ଆକର୍ଷଣୀୟ ହୋଇଥାଏ । ସବୁ ଶିଶୁ ସାହିତ୍ୟିକାଙ୍କ ଭଳି ବିଷୟବସ୍ତୁ ନିର୍ବାଚନ ପ୍ରାୟତଃ ସମାନ ରହୁଥିଲେ ମଧ୍ୟ ପିଲାଙ୍କୁ ଭାଷା ଜ୍ଞାନ ଅଥବା ଅକ୍ଷରଶିକ୍ଷା ପାଇଁ ଏକ ସ୍ୱତନ୍ତ୍ର ମାନସିକତା ପାଇଁ ତାଙ୍କ ଶିଶୁ ସାହିତ୍ୟ ରଚନାର ବିଶେଷ ଦିଗଟି ଲକ୍ଷ୍ୟ କରାଯାଇଥାଏ ।

ତାଙ୍କର ରଚିତ 'ଟୁପୁରୁ ଟୁପୁରୁ ବରଷେ ପାଣି' କବିତା ସଂକଳନଟିରେ 'କ ଖ ଗ ଘ' ଶୀର୍ଷକ କବିତାରେ ପ୍ରତ୍ୟେକ ବର୍ଣ୍ଣକୁ ନେଇ ଗୋଟିଏ ଗୋଟିଏ ମନଛୁଆଁ କବିତା ଦେଖାଯାଏ ଯଥା -

କ -	କଦମ୍ବ ଫୁଟଇ ହେଲେ ଶ୍ରାବଣ ମାସ
କର୍ପୁର ଜଳିଲେ ଢାଳେ ମଧୁର ବାସ ।
++
ଖ -	ଖଇର ନଥିଲେ କିବା ପାନର ମଜା ?
ଖଜୁରୀ କୋଳିକୁ ସୁଖ ପାଆନ୍ତି ଅଜା ।
++
ଗ -	ଗଗନରେ ଚକମକ ଚମକେ ତରା
ଗଜରା ମଝିରେ ମଲ୍ଲୀ ଦିଶଇ ତୋରା ।
++
ଘ -	ଘଣା ପେଷା ତେଲ ତାର ସୁଆଦ ଭିନେ
ଘଣ୍ଟ ବାଜେ ଦେଉଳରେ ପରବ ଦିନେ । (ପୃ.-୩୩)

ଏହା ବ୍ୟତୀତ ଏ ସଂକଳନଟିରେ 'ସ୍ୱରବର୍ଣ୍ଣ' ଏକ ଚମତ୍କାର ଶିଶୁ କବିତା ଯେଉଁଠି ସେହିପରି 'କାଇଁଚମାଳି'ର ୪୦ଟି କବିତାରୁ ମାତ୍ର ଗୋଟିଏ କବିତାର ଶୀର୍ଷକ 'ପ ଫ ବ ଭ'ରେ ପ୍ରଥମ ବର୍ଣ୍ଣକୁ ନେଇ ୪ଟି ପଦ ରଚିତ ହୋଇଛି -

ପ -	''ପଇଡ଼ ପାଣିଟି ପେଟକୁ ଶୀତଳ, ଦେହକୁ ହିତ
ପଶମ ଲୁଗାରେ ଦୂର ହୋଇଯାଏ ପଉଷ ଶୀତ ।
++
ଫ -	ଫଣା ଟେକି ଦେଇ ନାଗ ସାପଟିଏ କରୁଛି ଖେଳା,
ଫଗୁ ବୋଳା ହୁଏ ପୂରୁବ ଆକାଶେ ସକାଳ ବେଳା ।
++
ବ -	ବଢ଼ିଆ ଲାଗଇ ଘିଅ ମହମହ ଖେଚେଡ଼ି ଭାତ,
ବଗିଚା ଗଛରୁ ବରକୋଳି ତୋଳ ବଢ଼ାଇ ହାତ ।
++
ଭ -	ଭଳି ଭଳି ଫୁଲ ଫୁଟିଯାଏ ହେଲେ ଫଗୁଣ ମାସ,
ଭରତି କରିକି କଳସୀରେ ପାଣି ରଖିବା ଆସ ॥ (ପୃ. ୫୮)

କାନନ ମିଶ୍ରଙ୍କ ବିରଚିତ 'କାଗଜଡଙ୍ଗା' ପୁସ୍ତକଟିରେ ୩୨ଟି ଶିଶୁଗୀତ ରହିଛି, ଯେଉଁଠି ୩୧ ତମ କବିତାଟି 'ଚ ଛ ଜ ଝ'ରେ ରହିଛି ସେହିପରି ଚାରିଟି ମନଛୁଆଁ ପଦ -

ଚ -		''ଚନ୍ଦନ ଗଛଟି ଥାଏ ସୁବାସ ଦେଇ
	ଚଗଲା ପିଲାକୁ ସୁଖ ପାଏନି କେହି ।
	++
ଛ -		ଛଟପଟ ମାଛ ହୁଏ ନ ଥିଲେ ପାଣି,
	ଛଡ଼ିଟିଏ ବାପା ମୋତେ ଦେବ କି ଆଣି ?
	++
ଜ -		ଜହ୍ନିଫୁଲ ଫୁଟିଥାଏ ଆଶିଣ ମାସେ,
	ଜକଜକ ଜହ୍ନମାମୁ ନୀଳ ଆକାଶେ ।
	++
ଝ -		ଝଙ୍କାଳିଆ ବରଗଛ ବଢ଼ଇ ବନେ,
	ଝଗଡ଼ା କରିବ ନାହିଁ ରଖିଥା ମନେ ।'' (ପୃ. ୬୩)

ସେହିପରି 'ଫୁଲବନ' କବିତା ସଂକଳନରେ ତ ଥ ଦ ଧ ଶୀର୍ଷକ କବିତା ରହିଛଇ ପ୍ରତିଟି ବର୍ଣ୍ଣ ଉପରେ ଗୋଟିଏ ଗୋଟିଏ ସୁନ୍ଦର ପଦ -

ତ -		''ତରଭୁଜ ପାଚିଥାଏ ନଈ ପଠାରେ,
	ତରବର ହୁଅ ନାହିଁ କେଉଁ କଥାରେ ।
	++
ଥ -		ଅଣ୍ଟା ତା'ର ନାଲି ନାଲି ନାଆଁଟି ଜୋତା
	ଥୟ ଧରି ବସ ଆଉ କହନା କଥା ।
	++
ଦ -		ଦରମା ପାଇଲେ ଭାଇ ଆଣନ୍ତି ମିଠା,
	ଦଶରାରେ ବୋଉ କରେ କେତେ ଯେ ପିଠା ।
	++
ଧ -		ଧଳା ଧଳା ମଲ୍ଲିଫୁଲ ପୂଜାକୁ ଲୋଡ଼ା
	ଧନୁମୂଆଁ କୁନି ଖାଏ ଯୋଡ଼ାକୁ ଯୋଡ଼ା ।''

ଅ ଆ ଇ ଈ ଏ ଐ ଓ ଔ ଏଇ ଆଠଟି ସ୍ୱରବର୍ଣ୍ଣକୁ ନେଇ ଆଠଟି ସୁନ୍ଦର କବିତା 'ଟୁପୁରୁ ଟୁପୁରୁ ବରଷେ ପାଣି' କବିତା ସଂକଳନର ଏକ ବିଶେଷ କବିତା ।

ଅ -		ଅଇନାରେ ମୁହଁ ଦେଖେ
	ନିଇତି ମୁଁ ସକାଳେ,

ଅଇଁଠା ଖାଇବ ନାହିଁ

ମନେ ରଖ ସକଳେ ।

++

ଓ - ଓଜନ କରିବି ଆଣ

ବଜାରରୁ ଜିନିଷ।

ଔ - ଔଷଧ ଖାଇଲେ ଭଲ

ହୁଏ ରୋଗୀ ମଣିଷ ।

ବାସ୍ତବିକ ଓଡ଼ିଶାର ପ୍ରଖ୍ୟାତ ଭାଷା ବିଜ୍ଞାନୀ ଡକ୍ଟର କୁଞ୍ଜ ବିହାରୀ ତ୍ରିପାଠୀଙ୍କ ଜ୍ୟେଷ୍ଠ କନ୍ୟାଙ୍କ ଏ ପ୍ରକାର ଲେଖା ସ୍ୱାଭାବିକ ନିଶ୍ଚୟ ।



## ଡକ୍ଟର ରମେଶ ଚନ୍ଦ୍ର ପାଣି

ଏକାଧାରରେ କବି, ପତ୍ରିକା ସଂପାଦକ, ସଂସ୍କୃତି ଗବେଷକ ଡକ୍ଟର ରମେଶ ଚନ୍ଦ୍ର ପାଣି ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ପରିଚିତ ନାମ । ଦୀର୍ଘ ଚାରି ଦଶନ୍ଧିର ସାହିତ୍ୟ ସାଧନା ଭିତରେ ତାଙ୍କର ଏଯାବତ୍ ଅନେକ କବିତା ସଂକଳନ, ଶବ୍ଦକୋଷ, ଗୀତିନାଟ୍ୟ, ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇଛି । ତାଙ୍କର ଗବେଷଣା ପୁସ୍ତକ ମଧ୍ୟରେ 'ସାଂପ୍ରତିକ ଯୁଗଚେତନା ଓ କବି କମଳାକାନ୍ତ', 'ସମାଲୋଚନା ଓ ସମୀକ୍ଷା', 'ଚେତନାର ବିବର୍ତ୍ତନ ଓ ଆଧୁନିକ ଓଡ଼ିଆ କାବ୍ୟକଳା', 'ଓଡ଼ିଆ ଗୀତିକବିତା : ପ୍ରାଚୀନରୁ ସାଂପ୍ରତିକ' ପ୍ରକାଶ ପାଇଛି ।

'ଜୀବନତୀର୍ଥରେ ଓଡ଼ିଶାର ଲେଖିକା' ଡକ୍ଟର ରମେଶ ଚନ୍ଦ୍ର ପାଣିଙ୍କ ପଞ୍ଚମ ସମାଲୋଚନା ପୁସ୍ତକ । ଓଡ଼ିଆ ସାହିତ୍ୟରେ ପଞ୍ଚଦଶ ଶତାବ୍ଦୀରୁ ଏକବିଂଶ ଶତାବ୍ଦୀ କାଳଖଣ୍ଡରେ ଆବିର୍ଭୂତା ସାରସ୍ୱତ ସାଧିକାମାନଙ୍କ ସୃଷ୍ଟି ଓ ଦୃଷ୍ଟି ସଂପର୍କରେ ବିଶେଷ ଭାବରେ ଆଲୋଚନା କରାଯାଇଛି । ଓଡ଼ିଆ ନାରୀ ସୃଜନର ଐତିହାସିକ ଧାରାବାହିକତା ସହିତ ନାରୀ ଓ ପୁରୁଷ ସର୍ଜନର ତୁଳନାତ୍ମକ ବିଶ୍ଳେଷଣ ଏହି ପୁସ୍ତକର ବୈଶିଷ୍ଟ୍ୟତାକୁ ସୂଚାଇ ଥାଏ ।

9 789364 013055

A Criticism by
Dr. Ramesh Chandra Pani
Athena Books
Bhubaneswar-751002
athenabooks945@gmail.com
₹ : 400/-